ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀଙ୍କ ଅଚାନକ ଓସାମ୍ ବୋର୍ଡ ପରିଦର୍ଶନ

ଭୁବନେଶ୍ୱର, ୨୨ ଅଗଷ୍ଟ, ୨୦୧୯

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଅପରାହ୍ଣ ୩ଟାରେ ଅଚାନକ ଓଡ଼ିଶା କୃଷି ବିପଣନ ପରିଷଦ କାର୍ଯ୍ୟାଳୟ (ଓସାମ୍ ବୋର୍ଡ) ଗସ୍ତ କରିଥିଲେ । ଖଣ୍ଡଗିରିଠାରେ ସମବାୟ ବିଭାଗର ଓସାମ୍ ବୋର୍ଡ କାର୍ଯ୍ୟାଳୟ ଗସ୍ତ ସମୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରିଷଦ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ନିମନ୍ତେ ପରାମର୍ଶ ଦେଇଥିଲେ । ପରିଷଦ ଦ୍ୱାରା ପ୍ରାଥମିକ କୃଷି ସମବାୟ ସମିତି ନିମନ୍ତେ ୩୪୭ଟି ଗୋଦାମ ଘର ନିର୍ମାଣର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ । ଏଥି ସହିତ ପରିଷଦ ପକ୍ଷରୁ ନିର୍ମାଣ ହେବାକୁ ଥିବା ଶୀତଳ ଭଣ୍ଡାରର ସଦ୍ୟତମ ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରିଷଦର ଡାଏରୀ-ଡେସ୍‌ପାଚ୍ ଓ କର୍ମଚାରୀ ଉପସ୍ଥାନ ଯାଞ୍ଚ କରିବା ସହିତ ବିଭିନ୍ନ କାର୍ଯ୍ୟାଳୟରୁ ପ୍ରାପ୍ତ ପତ୍ର ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ପଚାରି ବୁଝିଥିଲେ । କାର୍ଯ୍ୟାଳୟରେ ଟେକ୍‌ନୋଲୋଜିର ବ୍ୟବହାର କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଓ ସ୍ୱଚ୍ଛତା ବଜାୟ ରଖିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା କୃଷି ବିପଣନ ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ନିଯୁକ୍ତ ଏଜେନ୍ସି ଦେଇଥିବା ପ୍ରସ୍ତାବ ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଲୋଚନା କରିଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ